(ଖ) ପଞ୍ଚମ ଦିନ

(ଗ) ସପ୍ତଦିନ

୩। ସମସ୍ତ ନିର୍ବାଚନ ପ୍ରକ୍ରିୟା ଟି __________ ଦିନ ମଧ୍ୟରେ ସମାପ୍ତ ହୁଏ ।

(କ) ସାତଦିନ

(ଖ) ୨୦ ଦିନ

(ଗ) ଏକମାସ

୪। ମନୋନୟନ ପତ୍ରଗୁଡ଼ିକ ସଠିକ୍ ଭାବେ ପ୍ରସ୍ତାବିତ ଓ ସମର୍ଥୀତ ହେବା ଉଚିତ୍ ।

(କ) ସେହି ନିର୍ବାଚନ ମଣ୍ଡଳୀର ୨ଜଣ ମତଦାତା ।

(ଖ) ଯେକୌଣସି ନିର୍ବାଚନମଣ୍ଡଳୀରୁ ୫ଜଣ ମତଦାତା ।

(ଗ) ସେହି ନିର୍ବାଚନ ମଣ୍ଡଳୀରୁ ୪ଜଣ ମତଦାତା ।

(ଘ) ସେହି ନିର୍ବାଚନମଣ୍ଡଳୀରୁ ୬ ଜଣ ମତଦାତା ।

୫। ନିର୍ବାଚନ ପ୍ରଚାର ଶେଷ ହୋଇଥାଏ ?

(କ) ନିର୍ବାଚନର ୧୨ ଘଣ୍ଟା ପୂର୍ବରୁ

(ଖ) ନିର୍ବାଚନର ୨୪ ଘଣ୍ଟା ପୂର୍ବରୁ

(ଗ) ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ।

୬। ମତଦାନ କେନ୍ଦ୍ରରେ ପରିଚାଳନା ଦାୟିତ୍ୱ ବହନ କରିଥାନ୍ତି ।

(କ) ନିର୍ବାଚନୀ କାର୍ଯ୍ୟ ଅଧିକାରୀ (Polling Officer)

(ଖ) ରିଟର୍ଣ୍ଣି ଅଫିସର

(ଗ) ପୀଠାସୀନ ଅଧିକାରୀ (Presiding Officer)

୭। ବୈଦ୍ୟୁତିକ ଭୋଟିଂ ମେସିନ୍‌ରେ ସର୍ବାଧିକ କେତେଜଣ ପ୍ରାର୍ଥୀଙ୍କ ନାମ ଏବଂ ସଂକେତ ରହିପାରିବାର ବ୍ୟବସ୍ଥା ଅଛି ।

(କ) ୧୦ ଜଣ ପ୍ରାର୍ଥୀ

(ଖ) ୧୬ ଜଣ ପ୍ରାର୍ଥୀ

(ଗ) ୨୦ ଜଣ ପ୍ରାର୍ଥୀ

## ୧୮.୫ ଭାରତରେ ନିର୍ବାଚନ ପ୍ରକ୍ରିୟାରେ ଥିବା ଦୁର୍ବଳତା

ଭାରତୀୟ ନିର୍ବାଚନ ବ୍ୟବସ୍ଥାକୁ ସମସ୍ତେ ଆଦୃତ କରିଛନ୍ତି । ଭାରତରେ ଅନୁଷ୍ଠିତ ନିର୍ବାଚନରେ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ଏଠାରେ ନିର୍ବାଚନର ଅନେକ ଦୁର୍ବଳତା ରହିଛି । ନିର୍ବାଚନ ଆୟୁକ୍ତ ନିର୍ବାଚନକୁ ମୁକ୍ତ ଏବଂ ନିରପେକ୍ଷ କରିବା ପାଇଁ ଯେତେ ପଦକ୍ଷେପ ନେଲେ ମଧ୍ୟ ଆମ ନିର୍ବାଚନ ପ୍ରକ୍ରିୟାରେ ନିମ୍ନ ଲିଖିତ ଦୁର୍ବଳତା ଗୁଡ଼ିକ ପରିଲକ୍ଷିତ ହୁଏ ।



Notes

### ୧୮.୫.୧. ଅର୍ଥବଳ :

ନିର୍ବାଚନରେ ହିସାବ ବହିର୍ଭୂତ ଅର୍ଥବଳର ବ୍ୟବହାର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରୁଛି । ରାଜନୈତିକ ଦଳଗୁଡ଼ିକ ବିଭିନ୍ନ କମ୍ପାନୀ ତଥା ବ୍ୟବସାୟ, ପ୍ରତିଷ୍ଠାନମାନଙ୍କରୁ ଅର୍ଥ ସଂଗ୍ରହ କରି ତାକୁ ନିର୍ବାଚନରେ ମତଦାତାମାନଙ୍କୁ ନିଜ ସପକ୍ଷରେ ଭୋଟ ଦେବାକୁ ପ୍ରଭାବିତ କରନ୍ତି । ଏହି ଅର୍ଥଗୁଡ଼ିକ ଟଙ୍କା ଆକାରରେ ବ୍ୟବସାୟ ପ୍ରତିଷ୍ଠାନମାନଙ୍କର ଅବଦାନ ଭାବେ ଗ୍ରହଣ କରାଯାଏ ଏବଂ ଏହାର ହିସାବ ରଖାଯାଏ ନାହିଁ । ନିର୍ବାଚନରେ ଆହୁରି ଅନେକ ପ୍ରକାର ଅନୈତିକ ତଥା ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ ଯଥା, ଲାଞ୍ଚ ପ୍ରଦାନ, ଜୋର କରି ମତଦାନ କେନ୍ଦ୍ର ଅଧିଗ୍ରହଣ, ନିର୍ବାଚନ ଅଧିକାରୀମାନଙ୍କୁ ଭୟଭୀତ କରାଇ ଜଣକ ନାଁରେ ଆଉ ଜଣେ ଭୋଟ ଦେବା ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ନାଁରେ ଭୋଟ ଦେବା, ମତଦାନ ପାଇଁ ଆସୁଥିବା ମତଦାତାମାନଙ୍କୁ ମୋଟରଯାନରେ ନିର୍ବାଚନ ସ୍ଥଳକୁ ନେବା ଆଣିବା କରିବା ଇତ୍ୟାଦି କାର୍ଯ୍ୟ ରାଜନୈତିକ ଦଳମାନେ କରିଥାନ୍ତି । ଆହୁରି ମଧ୍ୟ ନିର୍ବାଚନ ସମୟରେ, ଗରିବ ଏବଂ ଅନୁନ୍ନତ ଅଂଚଳମାନଙ୍କରେ ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ମଦ ଯୋଗାଣ କରିବାର ଖବର ମିଳିଥାଏ ।

### ୧୮.୫.୨ ବାହୁବଳ :

ଅତୀତରେ ଅପରାଧୀ ମାନେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇ ନିରୀହ ମତଦାତାମାନଙ୍କୁ ବନ୍ଧୁକମୂନରେ ଭୟଭୀତ କରାଇ ସେମାନଙ୍କ ନିର୍ଦ୍ଦେଶ ମୁତାବକ ମତଦାନ କରିବାକୁ ବାଧ କରାଉଥିଲେ । ରାଜନୀତିରେ ବର୍ତ୍ତମାନ ଅପରାଧୀକରଣକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସେମାନେ ନିଜେ ନିର୍ବାଚନରେ ଖୋଲାଖୋଲି ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଲାଗିଲେଣି ଯାହାର ଫଳ ସ୍ୱରୂପ ନିର୍ବାଚନ ସମୟରେ ହିଂସା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

### ୧୮.୫.୩ ଜାତି ଏବଂ ଧର୍ମ :

ନିର୍ବାଚନରେ ସାଧାରଣତଃ ଜାତି ଏବଂ ଧର୍ମକୁ ଭିତ୍ତିକରି ରାଜନୈତିକ ଦଳ ମାନେ ଏପରି ପ୍ରାର୍ଥୀ ଚୟନ କରିଥାନ୍ତି ଯେଉଁମାନଙ୍କର ନିଜ ଜାତି ଓ ଧର୍ମ ଉପରେ ଅଖଣ୍ଡ ପ୍ରଭାବ ଥାଏ ଏବଂ ସେମାନଙ୍କର ଜିତିବାର ସମ୍ଭାବନାକୁ ଆଖି ଆଗରେ ରଖି ଜାତି ତଥା ସମ୍ପ୍ରଦାୟର ସଂଖ୍ୟାଧିକଙ୍କ ସମର୍ଥନ ଲାଭ କରିବା ଉଦ୍ଦେଶ୍ୟରେ ପ୍ରାର୍ଥୀ ଠିଆ କରାନ୍ତି । ଏପରିକି ମତଦାତାମାନେ ମଧ୍ୟ ଜାତି ଏବଂ ସମ୍ପ୍ରଦାୟକୁ ଭିତ୍ତିକରି ମତଦାନ କରିବାର ଦେଖାଯାଏ । ନିର୍ବାଚନ ସମୟରେ ମତଦାତାମାନଙ୍କ ସାମ୍ପ୍ରଦାୟିକ ଆନୁଗତ୍ୟକୁ ବ୍ୟବହାର କରାଯାଇ ନିର୍ବାଚନ ପ୍ରଚାର କାର୍ଯ୍ୟ ଚାଲେ ଏବଂ ତାକୁ ଭିତ୍ତି କରି ନିର୍ବାଚନ ଜିତିବାର ଲକ୍ଷ୍ୟ ରାଜନୈତିକ ଦଳମାନେ ରଖିଥାନ୍ତି ।

### ୧୮.୫.୪ ସରକାରୀକଳର ଅପବ୍ୟବହାର :

ସବୁ ରାଜନୈତିକ ଦଳର ସରକାରୀ କଳକୁ ସମ୍ବଳ ରୂପେ ବ୍ୟବହାର କରିବାର ସୁଯୋଗ ନଥାଏ । କ୍ଷମତାସୀନ ରାଜନୈତିକ ଦଳ ବିରୋଧୀ ଦଳ ତୁଳନାରେ ଏ କ୍ଷେତ୍ରରେ ସୁବିଧାଜନକ ସ୍ଥିତିରେ ଥାଏ । ର୍ନିବାଚନ ସମୟରେ କ୍ଷମତାସୀନ ରାଜନୈତିକ ଦଳ ସରକାରୀ କଳର ଅପବ୍ୟବହାର କରିବା ଅଭିଯୋଗ ବ୍ୟାପକ ଭାବରେ କରାଯିବାର ଦେଖାଯାଉଛି ।

ଉପରୋକ୍ତ ସବୁ ବୈଶିଷ୍ଟ ଗୁଡ଼ିକୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ନିର୍ବାଚନ ସମୟରେ ହିଂସା ଜବରଦସ୍ତ ମତଦାନ କେନ୍ଦ୍ର ଅଧିଗ୍ରହଣ, ମତଦାତାଙ୍କୁ ଭୟଭୀତ କରିବା, ଜଣଙ୍କ ନାଁରେ ଆଉଜଣେ ଭୋଟ ଦେବା, ଜୋର କରି ଭୋଟ କାଗଜ ଛଡ଼ାଇ ନେବା, ଭୋଟବାକ୍ସ ତଥା ବ୍ୟବହୃତ ମୋଟର ଯାନକୁ ଉଠାଇ

ନେଇ ପୋଡ଼ିବା ଭଳି ଅନେକ ଅନୈତିକ କାର୍ଯ୍ୟ ଯୋଗୁଁ ନିର୍ବାଚନ ଉପରୁ ଜନସାଧାରଣଙ୍କ ବିଶ୍ୱାସ ଧିରେ ଧିରେ କମିବାରେ ଲାଗିଛି ।

## ୧୮.୬ ନିର୍ବାଚନ ସଂସ୍କାର

ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ମତଦାତାମାନଙ୍କ ଆସ୍ଥା ଭାଜନ ହେବା ଉଦ୍ଦେଶ୍ୟରେ ଅନେକ ନିର୍ବାଚନ ସଂସ୍କାର ଥରକୁ ଥର କରାଯାଇଛି । ୧୯୭୪ରେ ତାର୍କୁଣ୍ଡେ କମିଟି ଏବଂ ୧୯୯୦ରେ ଗୋସ୍ୱାମୀ କମିଟି ଇତ୍ୟାଦିକୁ ସ୍ୱତନ୍ତ୍ର ଭାବେ ଗଠନ କରାଯାଇ ନିର୍ବାଚନ ସଂସ୍କାର ସଂକ୍ରାନ୍ତୀୟ ବିବରଣୀ ପ୍ରଦାନ କରିବା ପାଇଁ ବ୍ୟବସ୍ଥାମାନ କରାଯାଇଛି । ଏହି କମିଟିଗୁଡ଼ିକର ସୁପାରିଶ ଅନୁଯାୟୀ କେତେକ ସଂସ୍କାର କାର୍ଯ୍ୟକାରୀ ମଧ୍ୟ ହୋଇଛି । କିନ୍ତୁ ପ୍ରକୃତରେ, ପ୍ରାକ୍ତନ ମୁଖ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀଯୁକ୍ତ ଟି.ଏନ୍. ଶେଷାନଙ୍କ ଅଧ୍ୟକ୍ଷତାରେ ଗଠିତ ନିର୍ବାଚନ ଆୟୋଗ ନିର୍ବାଚନକୁ ମୁକ୍ତ ଓ ଅବାଧ ତଥା ନିରପେକ୍ଷ କରିବା ଲକ୍ଷ୍ୟ ନେଇ ଅନେକ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା କେତେକ ନିର୍ବାଚନ ସଂସ୍କାର ଗୁଡ଼ିକ ନିମ୍ନରେ ଦିଆଗଲା । —

୧। ମତଦାନ ବୟସକୁ ୨୧ରୁ କମାଯାଇ ୧୮ ରଖାଯାଇଛି । ନିର୍ବାଚନରେ ଯୁବକ ମାନଙ୍କ ଆସ୍ଥାଭାଜନ ହେବା ଲକ୍ଷ୍ୟରେ ଏହା ମତଦାତାଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହେବା ସଙ୍ଗେ ସଙ୍ଗେ ସଂଖ୍ୟାଧିକ ମତଦାତାଙ୍କୁ ଆସ୍ଥା ବୃଦ୍ଧିପାଇଛି ।

୨। ନିର୍ବାଚନରେ ଅମାନତ ଜମାରାଶିକୁ ବୃଦ୍ଧି କରାଯିବା ଆଉ ଏକ ବଳିଷ୍ଠ ପଦକ୍ଷେପ । ଏହାଦ୍ୱାରା ନିର୍ବାଚନକୁ ହାଲୁକା ଭାବେ ନେଉଥିବା ପ୍ରାର୍ଥୀମାନଙ୍କୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରଖିବା ଏବଂ ମନ୍ଦ ଉଦ୍ଦେଶ୍ୟ ରଖି ପ୍ରତିଦ୍ୱନ୍ଦ୍ୱିତା କରିବା ପ୍ରାର୍ଥୀମାନଙ୍କୁ ଦୂରେଇ ରଖିବା ।

୩। ଭୋଟର ପରିଚୟ ପତ୍ର ବ୍ୟବସ୍ଥା ଲାଗୁ ହେବା ଦ୍ୱାରା ଜଣେ ଆଉ ଜଣକ ନାଁରେ ଭୋଟ ଦେବାକୁ ରୋକାଯାଇ ପାରୁଛି । ଏବଂ ଏହାକୁ ବାଧ୍ୟତାମୂଳକ କରାଯାଇଛି ।

୪। ବୈଦ୍ୟୁତିକ ଭୋଟିଂ ମେସିନ୍ ଉପଯୋଗ ଦ୍ୱାରା ଦିଆଯାଇଥିବା ଭୋଟ ଏବଂ ସମୁଦାୟ ଭୋଟ ମଧ୍ୟରେ ପାର୍ଥକ୍ୟକୁ ଦୂର କରାଯାଇ ନିର୍ବାଚନ ଅଧିକାରୀ ତତ୍‌କ୍ଷଣାତ୍ ନିର୍ବାଚନ ଆୟୁକ୍ତଙ୍କୁ ଜଣାଇ ପାରୁଛନ୍ତି । ଏଥିରେ ବିଚ୍ୟୁତି ଘଟିଲେ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଇ ପୁନଃ ମତଦାନ ପାଇଁ ତାରିଖ ଘୋଷଣା କରାଯାଉଛି ଏବଂ ଅନିୟମିତତା ଲକ୍ଷ୍ୟ କଲେ ସେଠାରେ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଇପାରୁଛି ।

୫। ବୈଦ୍ୟୁତିକ ଭୋଟିଂ ମେସିନ୍‌ର ବ୍ୟବହାର ଯୋଗୁଁ ମତଦାନ କେନ୍ଦ୍ର ଜବର ଦଖଲ ରିଗିଙ୍ଗ୍ ଏବଂ ଅନୈତିକ ମତଦାତାଙ୍କୁ ଠାବ କରାଯାଇ ପାରୁଛି । ଏହାଦ୍ୱାରା ମତଦାନର ନିୟମ ପାଳନ ଠିକ୍ ଭାବରେ କରାଯାଇପାରୁଛି । ଏହା ପ୍ରଚଳନ ହେବା କାରଣରୁ ନିର୍ବାଚନ ଖର୍ଚ୍ଚକୁ ମଧ୍ୟ କେତୋଂଶରେ କମାଯାଇ ପାରୁଛି ଏବଂ ମତଗଣନାର ଅନିୟମିତତାକୁ କମାଯାଇ ପାରୁଛି ।

ନିଃସନ୍ଦେହରେ ଏକଥା କୁହାଯାଇପାରେ ଯେ, ଭାରତରେ ନିର୍ବାଚନ ସଂସ୍କାରର ଆବଶ୍ୟକତା ନିଶ୍ଚିତ ଭାବରେ ଆବଶ୍ୟକ ଏବଂ ଏହାକୁ କଡ଼ାକଡ଼ି ଭାବରେ ପାଳନ କରାଯିବା ଉଚିତ । ଯାହାଫଳରେ ଭାରତ ଭଳି ବୃହତ୍ତମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ମୁକ୍ତ ଏବଂ ଅବାଧ ତଥା ନିରପେକ୍ଷ ନିର୍ବାଚନ ସମ୍ଭବ ହୋଇ ପାରିବ । ଏବଂ ଏହାଦ୍ୱାରା ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଆମର ସ୍ୱତନ୍ତ୍ରତା ବଜାୟ ରହିବ ।



Notes

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୮.୩

୧। ଭାରତୀୟ ନିର୍ବାଚନ ବ୍ୟବସ୍ଥାର କେତେଗୁଡିଏ ଉଲ୍ଲେଖଯୋଗ୍ୟ ଦୁର୍ବଳତା ଗୁଡ଼ିକ ହେଲା —

(କ) ______________________

(ଖ) ______________________

(ଗ) ______________________

(ଘ) ______________________

୨। ଭାରତରେ ନିର୍ବାଚନ ସଂସ୍କାର ସଂକ୍ରାନ୍ତୀୟ ଉଲ୍ଲେଖଯୋଗ ପଦକ୍ଷେପ ଗୁଡ଼ିକ ହେଲା—

(କ) ______________________


(ଖ) ______________________

(ଗ) ______________________

(ଘ) ______________________

## ତୁମେ କ'ଣ ଶିକ୍ଷା କଲ ?

ଭାରତରେ ମୁକ୍ତ ଏବଂ ଅବାଧ ତଥା ନିରପେକ୍ଷ ନିର୍ବାଚନ ପରିଚାଳନା କରିବା ପାଇଁ ସମ୍ବିଧାନରେ ଏକ ନିରପେକ୍ଷ ସଂସ୍ଥା ନିର୍ବାଚନ ଅୟୋଗ ଗଠନ କରାଯାଇଛି । ଏହା ତିନିଜଣ ସଦସ୍ୟ ବିଶିଷ୍ଟ ଏକ ସଂସ୍ଥା । ନିର୍ବାଚନ ଆୟୁକ୍ତଙ୍କ ମୁଖ୍ୟ କାର୍ଯ୍ୟଗୁଡ଼ିକ ହେଲା, ନିର୍ବଚାନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କରିବା, ରାଜନୈତିକ ଦଳଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବା, ସେମାନଙ୍କୁ ଦଳୀୟ ସଂକେତ ପ୍ରଦାନ କରିବା ଏବଂ ନିର୍ବାଚନ ପରିଚାଳନା ତଥା ତଦାରଖ କରିବା ପାଇଁ ଅଧିକାରୀ ନିଯୁକ୍ତି କରିବା ଇତ୍ୟାଦି । ରାଷ୍ଟ୍ରପତିଙ୍କ ବିଜ୍ଞପ୍ତି ଅଧିସୂଚନା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ତା'ପରେ ନିର୍ବାଚନ ଆୟୁକ୍ତ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିଥାନ୍ତି ଏବଂ ନିର୍ବାଚନ ଆଚରଣ ବିଧି ଲାଗୁ କରନ୍ତି । ଉକ୍ତ ଆଚାର ସଂହିତା ନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ଶେଷ ଯାଏଁ ସମସ୍ତ ରାଜନୈତିକ ଦଳ ଠାରୁ ଆରମ୍ଭ କରି ସରକାରୀ କଳ ମାନବାକୁ ବାଧ ଅଟନ୍ତି । ପରେ ପରେ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ମନୋନୟନ ପତ୍ର ଦାଖଲ କରନ୍ତି । ସଂପୃକ୍ତ ରିଟର୍ଣ୍ଣିଙ୍ଗ୍ ଅଫିସର ଉକ୍ତ ମନୋନୟନ ପତ୍ର ଗୁଡ଼ିକୁ ଯାଞ୍ଚ କରନ୍ତି ଏବଂ ଯା*ପରେ ଏହା ହୁଏତ ବୈଧ କିମ୍ବା ଅବୈଧ ଘୋଷଣା କରାଯାଇ ନାକଚ କରାଯାଏ । ପ୍ରାର୍ଥୀ ଚାହିଁଲେ ନିଜକୁ ପ୍ରତିଦ୍ୱନ୍ଦ୍ୱିତାରୁ ଓହରେଇ ନେଇପାରନ୍ତି । ନିର୍ବାଚନ ପ୍ରଚାର ସମୟରେ ରାଜନୈତିକ ଦଳଗୁଡ଼ିକ ଏବଂ ସେମାନଙ୍କ ଦଳ ତରଫରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ତାଙ୍କ ଦଳର 'ନିର୍ବାଚନୀ ଇସ୍ତାହାର' ଉନ୍ମୋଚନ କରନ୍ତି । ଅନେକ ସଂଖ୍ୟାରେ ନିର୍ବାଚନୀ ସଭା, ଘରକୁ ଘର ବୁଲି ପ୍ରଚାର ତଥା ବୈଦ୍ୟୁତିକ ଗଣମାଧମରେ ପ୍ରଚାର କାର୍ଯ୍ୟ ଦମ୍‌ରେ ଚାଲେ । ଦୂରଦର୍ଶନ, ବେତାର ମାଧମରେ ଲୋକମାନଙ୍କ ଆସ୍ଥା ଭାଜନ ହେବା ପାଇଁ ପ୍ରାର୍ଥୀମାନେ ଆପ୍ରାଣ ଚେଷ୍ଟା ଚଳାନ୍ତି । ନିର୍ବାଚନ ଦିନ ନିର୍ବାଚନ ଆୟୋଗଙ୍କ ଦ୍ୱାରା ମୁକ୍ତ ଅବାଧ ତଥା ନିରପେକ୍ଷ ମତଦାନ ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇ ଥାଏ । ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ମତ ସାବ୍ୟସ୍ତ ହୋଇଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଏ ।



Notes



ନିକଟ ଅତୀତରେ ବୈଦ୍ୟୁତିକ ଭୋଟିଂ ମେସିନ୍ ବ୍ୟବହାର କରାଯାଇ ପୁରାତନ ଭୋଟ କାଗଜ ତଥା ଭୋଟ ବାକ୍ସ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଛି । ଏହାର ସୁଫଳ ଆମମାନଙ୍କୁ ଭୋଟ କେନ୍ଦ୍ର ଜବର ଦଖଲ ଅନୈତିକ ମତଦାନ ଏବଂ ସର୍ବୋପରି ନିର୍ବାଚନର ଅନିୟମିତତାକୁ ଅନେକାଂଶରେ ଦୂର କରିପାରିବା ସଙ୍ଗେ ସଙ୍ଗେ ମତଗଣନା କାର୍ଯ୍ୟ ତତ୍କ୍ଷଣାତ୍ ସମ୍ପୂର୍ଣ୍ଣ ହୋଇପାରୁଛି ।

ନିର୍ବାଚନକୁ ମୁକ୍ତ, ଅବାଧ ତଥା ନିରପେକ୍ଷ ପରିଚାଳନା ପାଇଁ ନିର୍ବାଚନ ଆୟୋଗଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଆମ ନିର୍ବାଚନ ବ୍ୟବସ୍ଥାରେ ଅନେକ ତ୍ରୁଟି ପରିଲକ୍ଷିତ ହେଉଛି । ନିର୍ବାଚନରେ ଅର୍ଥବଳ, ବାହୁବଳ ଏବଂ ଅନ୍ୟାନ୍ୟ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟକଳାପ ଏବେ ବି ଆମ ନିର୍ବାଚନକୁ ଆଚ୍ଛାଦିତ କରି ରଖିଛି । ଏସବୁ ଦୂର କରିବାକୁ ଥରକୁ ଥର ଅନେକ ନିର୍ବାଚନ ସଂସ୍କାର କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି ।

## ପାଠ୍ୟାନ୍ତ ଅଭ୍ୟାସ

୧। ଭାରତରେ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାବଳୀ ବର୍ଣ୍ଣନା କର ?

୨। ଲୋକସଭା କିମ୍ବା ବିଧାନସଭା ନିର୍ବାଚନ ସମୟରେ ନିର୍ବାଚନ ପ୍ରକ୍ରିୟାର କାର୍ଯ୍ୟକାରୀତା କିପରି ହୁଏ ସଂକ୍ଷେପରେ ବିଶ୍ଳେଷଣ କର ?

୩। ଭାରତୀୟ ନିର୍ବାଚନ ବ୍ୟବସ୍ଥାରେ ଥିବା ଦୁର୍ବଳତାଗୁଡ଼ିକୁ ଉଲ୍ଲେଖ କରି ସେଗୁଡ଼ିକୁ କିପରି ଦୂର କରାଯାଇ ବ୍ୟବସ୍ଥାନରେ ଉନ୍ନତି ଅଣାଯାଇପାରିବ ବର୍ଣ୍ଣନା କର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୧୮.୧**

୧। (ଖ) ୨। (ଖ) ୩। ୬, ଛଅ ୪। ଉଚ୍ଚତମ ନ୍ୟାୟାଳୟ ବିଚାରପତି

୫। (କ) ପଦ୍ମ (ଖ) ହାତ (ଗ) ସାଇକେଲ

୬। (ଗ) ୭। (ଖ)

**୧୮.୨**

୧। (ଗ) ୨। (ଗ) ୩। (ଗ) ୪। (କ) ୫। (ଗ) ୬। (କ) ୭। (ଖ)

**୧୮.୩**

୧। (କ) ଅର୍ଥବଳ


(ଖ) ବାହୁବଳ

(ଗ) ଜାତି ଏବଂ ଧର୍ମର ଭୂମିକା

(ଘ) ସରକାରୀ କଳର ଅପବ୍ୟବହାର

୨। (କ) ଭୋଟଦାନ ବୟସ କମାଇବା

(ଖ) ଫଟୋ ପରିଚୟ ପତ୍ର ଲାଗି କରିବା



Notes

(ଗ) ଅମାନତ ରାଶୀ ବୃଦ୍ଧି କରିବା

(ଘ) ବୈଦ୍ୟୁତିକ ଭୋଟିଂ ମେସିନ୍ ବ୍ୟବସ୍ଥା ଲାଗୁ କରିବା

**ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା**

୧। ୧୮.୨. ପଢ଼ ।

୨। ୧୮.୪। ପଢ଼ ।

୩। ୧୮.୫ ଏବଂ ୧୮.୬ ପଢ଼ ।

## ଚାଲ ଏବେ କୈଶୋର ଅବସ୍ଥା ସମସ୍ୟା ସମ୍ପର୍କରେ ଅବଗତ ହେବା ।

ମୁଁ ଏକ ସୁସ୍ଥ ସମ୍ପର୍କରେ ସମ୍ପର୍କ କିମ୍ବା ବନ୍ଧୁତ୍ୱ ସହ ସମ୍ପର୍କିତ କି ନା କିପରି ଜାଣିବି ?

ନିମ୍ନ ଲିଖିତ ବିଷୟଗୁଡ଼ିକ ସୁସ୍ଥ ବନ୍ଧୁତ୍ୱ ବା ସମ୍ପର୍କ ସୃଷ୍ଟିରେ ସହାୟକ ହୋଇଥାଏ ।

→ପରସ୍ପର ପ୍ରତି ସମ୍ମାନ, →ସହଯୋଗ →ବିଶ୍ୱାସ → ସଙ୍କୋଚତା

→ସ୍ୱଚ୍ଛତା ଏବଂ ସମାନତା→ ସ୍ୱତନ୍ତ୍ର ପରିଚୟ ସୃଷ୍ଟି → ଉତ୍ତମ ଭାବ ବିନିମୟ

ଉପରୋକ୍ତ ବିଷୟଗୁଡ଼ିକ ବନ୍ଧୁତ୍ୱ ବୃଦ୍ଧି ନିମନ୍ତେ ସଚେତନ ତଥା ସତର୍କ ସୂଚନା ।

ନିଜକୁ ନିମ୍ନ ଲିଖିତ ପ୍ରଶ୍ନ ପଚାରି ବୁଝ ?

ତୁମ ଅଂଶୀଦାର / ବଂଧୁ ତୁମକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି କି ? ତୁମ ବିଷୟରେ ମନ୍ଦ ମତ ପୋଷଣ କରୁଛି କି ? ତୁମକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛି କି ? କିମ୍ବା ତୁମକୁ ଶାରୀରିକ ଅବା ଯୌନ କ୍ଷତି ପହଞ୍ଚାଉଛି କି ?

ଯଦି ହଁ, ବା ହେଉଥାଏ, ତେବେ ତୁମ ସହଯୋଗୀଙ୍କୁ ତୁମେ ଏକଥା କୁହ ଏବଂ ଯଦି ଏହା ତୁମକୁ ସାହାଯ୍ୟ କଲା ନାହିଁ ତେବେ ତୁମେ ନିଶ୍ଚିତ ଭାବେ ପୁନଃ ଚିନ୍ତାକର ଏହି ବନ୍ଧୁତ୍ୱ ବା ସମ୍ପର୍କ ବିଷୟରେ । ବରଂ ଜଣେ ବିଶ୍ୱାସ ଯୋଗ୍ୟ ସାବାଳକ ଜାଣୁ କ'ଣ ଚାଲିଛି ଏବଂ ସେତେବେଳେ ତୁମେ ସୁରକ୍ଷିତ ବୋଲି ପ୍ରଥମେ ନିଶ୍ଚିତ ହେବା ଆବଶ୍ୟକ । ଯଦି ବି ତୁମେ ଜାଣଯେ, ତୁମକୁ ଭଲ ପାଉଥିବା ବ୍ୟକ୍ତି ଜଣକ ଅନେକ ସମୟରେ ତୁମକୁ ଆଘାତ ଦେଉଛି, ଏହା କିନ୍ତୁ ଏକ ସୁସ୍ଥ ପରମ୍ପରା ହୋଇ ନପାରେ ।